# NATIONAL NEWS BULLETIN (ODIA)

## 17 October - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆଦିବାସୀ ଗ୍ରାମ ଗୁଡ଼ିକୁ ଆତ୍ମନିର୍ଭର ଏବଂ ସ୍ୱାବଲମ୍ବି କରିବା ପାଇଁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି, କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ତାଙ୍କ ଶ୍ରୀଲଙ୍କା ପ୍ରତିପକ୍ଷଙ୍କ ମଧ୍ୟରେ ଆଲୋଚନା ।

– ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ଦେଶ ସହଯୋଗ ପ୍ରଦର୍ଶନ କରିବେ ବୋଲି ସହମତି ପ୍ରକାଶ ।

- ବିହାରର ତରାଇ ଠାରେ ଅନୁଷ୍ଠିତ ନିର୍ବାଚନ ପ୍ରଚାରରେ ଯୋଗଦେଲେ ବରିଷ୍ଠ ବିଜେପି ନେତା ଅମିତ ଶାହା ।
- ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଫୋର୍ସମେଣ୍ଟ ସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା କଲେ ଭାରତର ନିର୍ବାଚନ ଆୟୋଗ ।

ଏବଂ

- କଲମ୍ବୋରେ ଅନୁଷ୍ଠିତ ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଆଜିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

## ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆଦି କର୍ମଯୋଗୀ ଅଭିଯାନ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ଆତ୍ମନିର୍ଭର ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଆଦିକର୍ମଯୋଗୀ ଅଭିଯାନର ଜାତୀୟ ସମ୍ମିଳନୀରେ ଯୋଗଦେଇ ରାଷ୍ଟ୍ରପତି ମୁର୍ମୁ ଏହା କହିଛନ୍ତି । ଆଦିବାସୀ ସମୁଦାୟ ଜାତୀୟ ବିକାଶ ଯାତ୍ରାରେ ନିଜର ଭାଗିଦାରୀତା ରଖିବା ସହ ବିକାଶର ଲାଭ ଉଠାଇ ଆଦିବାସୀ ଅଞ୍ଚଳ ଗୁଡ଼ିରେ ଏହାର ଉପଲବ୍ଧତା ପହଞ୍ଚାଇବା ପାଇଁ ରାଷ୍ଟ୍ରପତି ଆହ୍ୱାନ କରିଛନ୍ତି । ଏ ସମ୍ପର୍କରେ ରାଷ୍ଟ୍ରପତି କହିଛନ୍ତି –

**V/O-1-PRESIDENT-MURMU-ON-SELF-RELIANCE**

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଜନଜାତୀୟ ଗ୍ରାମ୍ୟ ଭିଜନ ୨୦୩୦କୁ ଦୃଷ୍ଟିରେ ରଖି ଆୟୋଜନ କରାଯାଇଛି । ଏଥିରେ ବିଭାଗୀୟ ମନ୍ତ୍ରୀ ଜୁଏଲ୍ ଓରାମ୍, ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜ୍ୟ ତଥା କେନ୍ଦ୍ରର ସଚିବମାନେ, ଜିଲ୍ଲା

ମାଜିଷ୍ଟ୍ରେଟ୍, ମାଷ୍ଟର ପ୍ରଶିକ୍ଷକ ଏବଂ ଆଦି ସହଯୋଗୀର ପ୍ରତିନିଧି ମଣ୍ଡଳୀ ପ୍ରମୁଖ ଯୋଗଦେଇଥିଲେ ।

## ପିଏମ୍-ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଶ୍ରୀଲଙ୍କା ପ୍ରତିପକ୍ଷ ଡକ୍ଟର ହରିଣୀ ଅମର ସୁରିୟାଙ୍କୁ ଭେଟି ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ତାଙ୍କୁ ସ୍ୱାଗତ କରିବା ସହ ଭାରତ-ଶ୍ରୀଲଙ୍କା ମଧ୍ୟରେ ଏକ ଐତିହାସିକ ଏବଂ ବହୁବିଧ ସମ୍ପର୍କକୁ ଦୃଢ଼ିଭୂତ କରିବା ପାଇଁ ଆଶା ପ୍ରକଟ କରିଛନ୍ତି । ଚଳିତ ବର୍ଷ ଗତ ଏପ୍ରିଲ୍ ମାସରେ ଶ୍ରୀଲଙ୍କା ଗସ୍ତ ପ୍ରସଙ୍ଗ ମନେ ପକାଇ ଶ୍ରୀ ମୋଦୀ କହିଛନ୍ତି, ଏହି ଗସ୍ତ କାଳରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶା ନାୟକଙ୍କ ସହ ତାଙ୍କର ଏକ ଫଳପ୍ରଦ ଆଲୋଚନା ହୋଇଥିଲା । ଯେଉଁଥିରେ ଉଭୟ ଦେଶର ବିଭିନ୍ନ ପ୍ରସଙ୍ଗ ଉପରେ ପରସ୍ପର ସହଯୋଗ ପ୍ରଦର୍ଶନ କରିବେ ବୋଲି ସହମତି ପ୍ରକାଶ ପାଇଥିଲା । ଆଜି ଉଭୟ ଦେଶର ପ୍ରଧାନମନ୍ତ୍ରୀ, ଶିକ୍ଷା, ପ୍ରଯୁକ୍ତି ବିଦ୍ୟା, ସୃଜନଶୀଳ ବିକାଶ ଏବଂ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ଦୁଇ ଦେଶ ସହଯୋଗର ହାତ ବଢ଼ାଇବେ ବୋଲି ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶ୍ରୀଲଙ୍କା ସହ ମିଳିମିଶି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ଆଗେଇ

ନେବାକୁ ଭାରତର ପ୍ରତିବଦ୍ଧତା ବିଷୟରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରୀ ମୋଦୀ ଶ୍ରୀଲଙ୍କା ରାଷ୍ଟ୍ରପତି ଦିଶା ନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ତଥା ବିକାଶ ମୂଳକ ସହଯୋଗ ଉପରେ ଆଲୋଚନା ହେବ ବୋଲି ସୂଚାଇଥିଲେ ।

## ଅମିତ ଶାହା-ବିହାର

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ବିହାରର ସାରଣ ଠାରେ ଦଳୀୟ ନିର୍ବାଚନ ଅଭିଯାନକୁ ଶୁଭାରମ୍ଭ କରି ପ୍ରଚାର ଆରମ୍ଭ କରିଛନ୍ତି । ରାଜ୍ୟର ତାରୟ ବିଧାନସଭା ଆସନର ବିଧାୟକ ଜନକ ସିଂହ, ଅନମୋରରର କ୍ରିଷ୍ଣକୁମାର ମନ୍ତୁଙ୍କ ସପକ୍ଷରେ ଶ୍ରୀ ଶାହା ଏକ ନିର୍ବାଚନ ର୍ୟାଲିରେ ଯୋଗଦେଇଛନ୍ତି । ତରାୟ ଠାରେ ଅନୁଷ୍ଠିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ  ଦୀର୍ଘ ୨୦ ବର୍ଷ ହେବ ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା କରିବାରେ ନୀତିଶ କୁମାରଙ୍କ ପଦକ୍ଷେପକୁ ସେ ପ୍ରଶଂସା କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦେଶ ପ୍ରତି ଅନେକ ଅବଦାନ ରହିଛି । ତେବେ ଏହାକୁ ସେ ଗରିବ ଲୋକଙ୍କ ପାଇଁ ଆଶୀର୍ବାଦ ବୋଲି ଅଭିହିତ କରିଛନ୍ତି । ଶ୍ରୀ ଶାହା କହିଛନ୍ତି –

**V/O-2-AMIT-SHAH-SARAN-DAY**

ଏନ୍.ଡି.ଏ. ନୀତିଶ କୁମାରଙ୍କ ନେତୃତ୍ୱରେ ବିହାରରେ ନିର୍ବାଚନ ଲଢୁଛି ବୋଲି ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଆତଙ୍କବାଦ ବିରୁଦ୍ଧରେ ଅପରେସନ୍ ସିନ୍ଦୂରର ଅଭିଯାନ ସମ୍ପର୍କରେ ଶ୍ରୀ ଶାହା ଆଲୋକପାତ କରିଥିଲେ । ପୂର୍ବରୁ ଶ୍ରୀ ଶାହା ପାଟନା ଠାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବାସଭବନରେ ତାଙ୍କ ସହ ନିର୍ବାଚନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ନଭେମ୍ବର ୬ ଓ ୧୧ ତାରିଖରେ ଅନୁଷ୍ଠିତ ହେବ । ଏହାର ଫଳାଫଳ ନଭେମ୍ବର ୧୪ ତାରିଖରେ ଘୋଷଣା ହେବ ।

## ଇସି-ବିହାର ଇଲେକ୍ସନ୍

ବିହାର ବିଧାନସଭା ନିର୍ବାଚନ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଆଜି ବିଭିନ୍ନ ଏନ୍‌ଫୋର୍ସମେଣ୍ଟ ସଂସ୍ଥାର ମୁଖ୍ୟମାନଙ୍କ ସହ ବୈଠକ କରିଛନ୍ତି । ନିର୍ବାଚନରେ ଅର୍ଥ, ନିଶାଦ୍ରବ୍ୟ, ମାଦକ ଏବଂ ଅନ୍ୟାନ୍ୟ ଆପତ୍ତିଜନକ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀର ନିର୍ବାଚନ ସଦନ ଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ବିହାରର ନିର୍ବାଚନକୁ କିଭଳି ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରାଯିବ ସେ

ଦିଗରେ ଧ୍ୟାନ ଦେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ନିର୍ବାଚନ ଆୟୋଗ ଡକ୍ଟର ଶୁଖବୀର ସିଂହ ସାନ୍ଧୁ, ଡକ୍ଟର ବିବେକ ଯୋଶୀ ପ୍ରମୁଖ ଆଇନ୍ ପରିଚାଳନା କରୁଥିବା ସଂସ୍ଥାମାନଙ୍କର ଭୂମିକାକୁ ଆଲୋକପାତ କରିଥିଲେ । ନିର୍ବାଚନରେ କଳା ଟଙ୍କା କାରବାରକୁ ରୋକିବା ଏକ ପ୍ରମୁଖ ପଦକ୍ଷେପ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଆୟୋଗ ସମସ୍ତ ଅଧିକାରୀମାନଙ୍କୁ ଅର୍ଥନୈତିକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଥା ଗୁଇନ୍ଦା ବିଭାଗ ସହ ସମନ୍ୱୟ ରକ୍ଷା କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏନ୍‌ଫୋର୍ସମେଣ୍ଟ ସଂସ୍ଥାର ଅଧିକାରୀମାନଙ୍କୁ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ଆୟୋଗ ପରାମର୍ଶ ଦେଇଛନ୍ତି ।

## ଝାଡ଼ଖଣ୍ଡ-ବାଇ ପୋଲ୍

ଝାଡ଼ଖଣ୍ଡର ଘାଟଶିଳା ଉପନିର୍ବାଚନ ପାଇଁ ଏନ୍.ଡି.ଏ ପ୍ରାର୍ଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍‌ଙ୍କ ପୁତ୍ର ବାବୁଲାଲ ସୋରେନ୍ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି । ପୂର୍ବତନ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କ ଦେହାନ୍ତ ପରେ ଘାଟଶିଳା ଆସନ ଖାଲି ପଡ଼ିଥିଲା । ଏହାର ଉପନିର୍ବାଚନ ଆସନ୍ତା ନଭେମ୍ବର ୧୪ରେ ଅନୁଷ୍ଠିତ ହେବ । ଇତିମଧ୍ୟରେ

ଜେ.ଏମ୍.ଏମ୍. ପ୍ରାର୍ଥୀ ତଥା ଦିବଙ୍ଗତ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କ ପୁତ୍ର ସୋମେଶ ଚନ୍ଦ୍ର ସୋରେନ ଘାଟଶିଳା ଉପନିର୍ବାଚନ ପାଇଁ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ କଂଗ୍ରେସ ରାଜ୍ୟ ସଭାପତି କେଶବ ମହନ୍ତ କମଲେଶ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ । ଇଇଣ୍ଡିଆ ମେଣ୍ଟର ଏକତାକୁ ପ୍ରଦର୍ଶନ କରିବା ପାଇଁ ଏହି ରାଜନେତାମାନେ ସେଠାରେ ଉପସ୍ଥିତ ଥିବା କୁହାଯାଉଛି । ଏହି ଅବସରରେ ଦହିଗୋଡ଼ାଠାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ସୋମେଶ ଚନ୍ଦ୍ର ସୋରେନଙ୍କ ସପକ୍ଷରେ ଭୋଟ ଦେବାକୁ ମତ ପ୍ରକାଶ କରିଥିଲେ ।

## ପିଏମ୍-ଗତିଶକ୍ତି

ପିଏମ୍ ଗତିଶକ୍ତି ଅଧୀନରେ ନେଟ୍‌ୱର୍କ ଯୋଜନା ସମୂହର ଶହେତମ ବୈଠକରେ ସଡ଼କ, ପରିବହନ ତଥା ରାଜପଥ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ପି.ଏମ୍. ଗତିଶକ୍ତି ଜାତୀୟ ମାଷ୍ଟର ଯୋଜନାର ବହୁବିଧ ସଂଯୋଗ ତଥା ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ୫ଟି ପ୍ରକଳ୍ପ ମଧ୍ୟରେ ଦୁଇଟି ରେଳ, ଦୁଇଟି ରାଜପଥ ଏବଂ ଗୋଟିଏ ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିଭୂମି ଏବଂ ସାମାଜିକ ଅର୍ଥନୈତିକ ସୁବିଧା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କର୍ଣ୍ଣାଟକର ହସ୍‌ପେଟ୍-ବଲ୍ଲାରୀ ରେଳଲାଇନ୍

ମଧ୍ୟପ୍ରଦେଶ ତଥା ମହାରାଷ୍ଟ୍ରର ଗନ୍ଦିଆ-ଜବଲପୁର ରେଳ ଲାଇନ୍ ଦୋହରିକରଣ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ଏହି ବୈଠକକୁ ଡି.ପି. ଆଇ.ଆଇ.ଟିର ଯୁଗ୍ମ ସଚିବ ପଙ୍କଜ କୁମାର ଅଧ୍ୟକ୍ଷତା କରିଥିଲେ ।

## ସିବିଆଇ-ପଞ୍ଜାବ

ପଞ୍ଜାବରେ କାର୍ଯ୍ୟରତ ଭାରତୀୟ ପୋଲିସ୍ ସେବା ଡି.ଆଇ.ଜି. ହରଚରଣ ସିଂହ ଭୁଲ୍ଲାର୍‌କୁ ଏକ ଉଚ୍ଚସ୍ତରୀୟ ଦୁର୍ନୀତି ମାମଲାରେ ସି.ବି.ଆଇ. ଗିରଫ୍ କରିବା ପରେ କୋର୍ଟ୍ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି । ରୋପାର୍ ରେଞ୍ଜରେ ଡି.ଆଇ.ଜି. ଭାବେ କାର୍ଯ୍ୟରତ ୨୦୦୯ ବ୍ୟାଚ୍‌ର ଏହି ଆଇ.ପି.ଏସ୍. ଅଧିକାରୀଙ୍କୁ ସି.ବି.ଆଇ. ତାଙ୍କ ଚଣ୍ଡିଗଡ଼ କାର୍ଯ୍ୟାଳୟରୁ ଗିରଫ୍ କରିଥିଲା। ଏକ ଏତଲାକୁ ରଦ୍ଦ କରିବା ଲାଗି ମଧ୍ୟସ୍ଥି ଜରିଆରେ ଶ୍ରୀ ଭୁଲ୍ଲାର୍ ଅର୍ଥ ଦାବି କରିବା ଅଭିଯୋଗରେ ତାଙ୍କ କାର୍ଯ୍ୟାଳୟରେ ସି.ବି.ଆଇ. ଚଢ଼ାଉ କରିଥିଲା ।

## ୱିମେନ୍ସ କ୍ରିକେଟ୍ ୱାର୍ଲଡ କପ୍

କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଆଜିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେଉଛି । ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪୬ ରନ୍ ସଂଗ୍ରହ କରିଛି । ତେବେ ବର୍ଷା ମ୍ୟାଚ୍‌ରେ ବାଧାକ ସାଜିବାରୁ ବର୍ତ୍ତମାନ ଖେଳ ବନ୍ଦ ରହିଛି ।

ଗତକାଲି ବିଶାଖାପଟନମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବୋ କରିଛି ।

## ବ୍ୟାଡ୍‌ମିଣ୍ଟନ୍

ଗୌହାଟୀଠାରେ ଅନୁଷ୍ଠିତ ବିଡ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ଜୁନିୟର୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାର ଏକକ ମହିଳା ବର୍ଗରେ ଭାରତର ତନ୍‌ଭି ଶର୍ମା ଜାପାନ୍‌ର ସାକି ମସ୍ତୁମୋଟୋଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ତନ୍‌ଭି’ ସାକିଙ୍କୁ ୧୩-୧୫, ୧୫-୯ ଓ ୧୫-୧୦ ସେଟ୍‌ରେ ହରାଇ ପଦକ ପାଇବା ନିଶ୍ଚିତ କରିଛନ୍ତି ।